ସକାଳ
THE SAKALA



# ଗଞ୍ଜେଇ ଜବତ, ଦୁଇ ଗିରଫ

ରାୟଗଡ଼ା,୧।୨(ସମିସ) : କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ଗଞ୍ଜେଇ ସଂଗ୍ରହ କରି ରାୟଗଡ଼ାରୁ ଟ୍ରେନ୍ ଯୋଗେ ମଧ୍ୟପ୍ରଦେଶକୁ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ବେଳେ ଆଜି ଅଧାବାଟରେ ଗଞ୍ଜେଇ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ



ଗିରଫ କରିଛି ରାୟଗଡ଼ା ଜିଲ୍ଲା ଅବକାରୀ ପୁଲିସ। ଅଭିଯୁକ୍ତମାନଙ୍କ ଠାରୁ ୧୬କେଜି ଗଞ୍ଜେଇ ଜବତ ହୋଇଛ। ଯାହାର ବଜାରରେ ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଗିରଫ ଦୁଇ ଜଣ ଅଭିଯୁକ୍ତ ହେଲେ ପହଲୱାନ କେବତ (୨୬) ଏବଂ ଅନିତାବାଇ ଲୋଧି (୩୬)। ଉଭୟଙ୍କ ଘର ମଧ୍ୟପ୍ରଦେଶର ଅଶୋକ ନଗରରେ ବୋଲି ଜଣାପଡିଛି। ଏ ନେଇ ରାୟଗଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଗଞ୍ଜେଇ ଚୋରା ଚାଲାଣ ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଆଜି ରାୟଗଡ଼ା ରେଳ ଷ୍ଟେସନକୁ ସଂଯୋଗ କରୁଥିବା ନୂତନ ରାସ୍ତାରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ କେବତ ଓ ଅନିତାବାଇ ଦୁଇ ଜଣଙ୍କ ଠାରେ ଥିବା ବ୍ୟାଗରୁ ଗଞ୍ଜେଇ ଜବତ କରାଯାଇଥିଲା। ଚଢଉରେ ମୋବାଇଲ ୟୁନିଟ୍ ଇନ୍ସପେକ୍ଟର କମ୍ପାଣି ସିନ୍ଧୁର, କନେଷ୍ଟବଳ କରୁଣାକର ପାତ୍ର, ସଂଜୟ ହିଆଲ, ରୀନା ବାରିକ, ପି.କିଶୋରଙ୍କ ସମେତ ଆରପିଏଫ ରେଳବାଇ ପୋଲିସ ଏବଂ ଡଗ୍ ସ୍କ୍ୱାର୍ଡ ସାମିଲ ଥିଲେ। ରାୟଗଡ଼ା ଅବକାରୀ ଥାନାରେ କେସ ନମ୍ବର ୩୪୯/୨୬ରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶ୍ରୀ ଧଳସାମନ୍ତ ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଡିଆ,୧।୨(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ କତାଗୁଡା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ପ୍ରତିମା ସୁନ୍ଦରୀ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରାଥମିକ ଶିକ୍ଷକ ସଂଘର ମିଳିତ ସହଯୋଗରେ କତାଗୁଡା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇଥିଲା। ଶ୍ରୀମତୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ସହ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ପଡିଆ ଭଳି ଏକ ଉପାନ୍ତ ବ୍ଲକରେ ଶିକ୍ଷକ ଭାବେ କତାଗୁଡା ଓ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ, ବାପନପଲ୍ଲୀ ଓ ଏମପିଭି ୬୭ ବିଦ୍ୟାଳୟରେ ରହି ଶିକ୍ଷାଦାନ କରିଥିଲେ। ପଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ଜେନା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୀତାରାମ ମାଡି, ବରିଷ୍ଠ ଶିକ୍ଷକ ତୋକାଲ ବିଚେମ, ଦିଲ୍ଲୀପ କୁମାର ନାୟକ, ଏସ୍ ସୁରୀ ବାବୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟପଟେ ୨୦୨୩ ମସିହାରୁ ସରକାରଙ୍କ ଦ୍ୱାରା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଅବସର ଦିନ ହିଁ ପେନସନ୍ ଓ ଗ୍ରାଚ୍ୟୁଇଟି ଦେବା ବ୍ୟବସ୍ଥା ରହିଥିଲେ ମଧ୍ୟ ମାଲକାନଗିରି ଭଳି ପଛୁଆ ଜିଲ୍ଲାରେ ଏଭଳି କରାଯିବା କଷ୍ଟସାଧ୍ୟ ଥିଲା। ତେବେ ପଡିଆ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଶ୍ରୀମତୀ ପ୍ରଧାନଙ୍କୁ ଅବସର ଦିନ ହିଁ ପେନସନ୍ ଓ ଗ୍ରାଚ୍ୟୁଇଟ ସମ୍ବନ୍ଧୀୟ ପିପିଓ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ପ୍ରଧାନଙ୍କ ପରିବାର ଲୋକ ସମେତ ପଡିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦ରୁ ଅଧିକ ଶିକ୍ଷକ ଉପସ୍ଥିତ ଥିଲେ।

# ଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାୟଗଡ଼ା,୧।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଗୁମ୍ମା ପ୍ଲସ ଟୁ କଲେଜର ଅଧ୍ୟକ୍ଷା ଏସ ଆଶାଲତା ଶନିବାର ଦିନ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶି ଭୂଷଣ ପଟ୍ଟନାୟକ, ବରେଣ୍ୟ ଅତିଥି ରୂପେ ପ୍ରଭାକର ମିଶ୍ର, ବିଭୂତି ଭୂଷଣ ରଥ, ବିନୋଦ ମହାନ୍ତି, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ହୋଇ ଆଶାଲତାଙ୍କ ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଓଷ୍ଟା ପକ୍ଷରୁ ଜିଲ୍ଲା ସମ୍ପାଦକ ପ୍ରସନ୍ନ କୁମାର ରଥ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ନୀଳାଞ୍ଚଳ ମିଶ୍ର ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ନିହାରିକା ବିଡ଼ିକା, ଆଖୁସିଂ ରୁ ଦମୟନ୍ତୀ ଝୋଡ଼ିଆ, ନାଇରାରୁ ବିଡ଼ିକା, ବିକ୍ରମପୁରରୁ ସସ୍ମିତା ଦେବୀ ପ୍ରମୁଖ ଜିଲ୍ଲାର ବିଭିନ୍ନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଆଶାଲତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଶାଲତାଙ୍କ ଅବସର ପରେ ଏମ ରଜନୀକାନ୍ତ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ସଂଯୁକ୍ତା ପାଣିଗ୍ରାହୀ ଓ ଏମ ରଜନୀକାନ୍ତ ପରିଚାଳନା କରିଥିଲେ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ଅତିଥିବୃନ୍ଦଙ୍କୁ ଗଛଟିଏ ଦେଇ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଲ୍ୟବନ୍ତ ମହୋତ୍ସବର ବିରାଟ କଳସ ଯାତ୍ରା

# ନାଚଗୀତରେ ଦୁଲୁକିଲା ରାଜରାସ୍ତା

ମାଲକାନଗିରି,୧।୨(ସମିସ): ଐତିହ୍ୟ,ପରମ୍ପରା, କଳା,ସଂସ୍କୃତି ଓ ଆଦିବାସୀଙ୍କ ଜୀବନଧାରାର ନିଚ୍ଛକ ପ୍ରତିଛବି ମାଲ୍ୟବନ୍ତ ମହୋତ୍ସବ- ୨୦୨୫ର ମୁଖ୍ୟ ଜିଲ୍ଲାସ୍ତରୀୟ ଉତ୍ସବର ଶୁଭାରମ୍ଭ ହୋଇଛି। ମାଲକାନଗିରି ଜିଲ୍ଲାରେ ଆଦିବାସୀ କଳାସଂସ୍କୃତିକୁ ବଞ୍ଚାଇ ରଖି ଦେଶବିଦେଶରେ ପ୍ରଚାର ପ୍ରସାର କରିବା ସହିତ ରାଜ୍ୟ ଓ ଦେଶ ବାହରର କଳାକାରମାନଙ୍କ କଳାଚାତୁରୀକୁ ଜାଣିବାପାଇଁ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଛି। ଆଜି ଉତ୍ସବର ପ୍ରଥମ ଦିବସ ହୋଇଥିବାରୁ ସକାଳେ ଜିଲ୍ଲାସ୍ତରୀୟ ଉତ୍ସବ ପାଇଁ ମାଲକାନଗିରି ଜିଲ୍ଲା ସଦରମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିରରୁ ଶୁଭ ଜଳପୂର୍ଣ୍ଣ କଳସ ଶୋଭା ଯାତ୍ରାରେ ନୃତ୍ୟଦଳ, ଯୋଡିଶଙ୍ଖ, ଦୁଲଦୁଲି ବାଜା,ବଣ୍ଡା, କୋୟା, ପରଜା, ଭୁମିୟା, ଦୁରୁଆ ଆଦିବାସୀ ଜେମସା, ଜୋଡିଶଙ୍ଖ ବାଜା ଓ ନୃତ୍ୟର ତାଳେତାଳେ ସହର ପରିକ୍ରମା କରାଯାଇ ଡିଏନକେ ମଇଦାନ ମାଲ୍ୟବନ୍ତ ମଣ୍ଡପ ନିକଟକୁ ନିଆଯାଇ ସେଠାରେ ସ୍ଥାପନା କରାଯାଇଛି। ଏହି କଳସ ଯାତ୍ରାରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ





ଟାଙ୍ଗୁଲ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ଏଚ, ଡିଏଫଓ ସାଇକିରଣ ,ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୋମନାଥପ୍ରଧାନ, ଜିଲ୍ଲାପରିଷଦ ଉନ୍ନୟନ ଓ ମୁଖ୍ୟ ନିର୍ବାହି ଅଧିକାରୀ ଦାଶରଥୀ ସରାବୁ , ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ,ଜିଲ୍ଲାସଂସ୍କୃତି ଅଧିକାରୀ ସଂନ୍ୟାସ ନାରାୟଣ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପୌରପରିଷଦ ଚେୟାରମ୍ୟାନ ମନୋଜ ବାରିକ,ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଆଦିବାସୀ ସମାଜ ମହା ସଂଘ ସଭାପତି ବନ୍ଧୁ



ମୁଦୁଲି, ଘେନୁ ମୁଦୁଲି, ପ୍ରମୁଖ ଜିଲ୍ଲାସ୍ତରୀୟ ବ୍ଲକ ସ୍ତରୀୟ ଅଧିକାରି ବିଭିନ୍ନ ରାଜନୈତିକ ନେତା, ଗଣମାଧ୍ୟମ ପ୍ରତିନିଧି, ଜନସାଧରଣ ଉପସ୍ଥିତ ଥିଲେ। ଖୁସିରେ କଳସ ଶୋଭାଯାତ୍ରାରେ ବିଧାୟକ,ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଉପଜିଲ୍ଲାପାଳ, ପୌରପରିଷଦ ଅଧ୍ୟକ୍ଷଙ୍କ ସହିତ ଅନ୍ୟାନ ଅଧିକାରୀ ମାନେ ନୃତ୍ୟଦଳ ସାଥିରେ ରାସ୍ତାରେ ହାତ ଧରାଧରି ହୋଇ ନୃତ୍ୟ କରିଥିଲେ। ଏହି କଳସ ଯାତ୍ରା ସହର ପରିକ୍ରମା କରି ମାଲ୍ୟବନ୍ତ ମଣ୍ଡପରେ ପହଞ୍ଚିଥିଲା। ରବିବାର ସନ୍ଧ୍ୟାରେ ମୁଖ୍ୟ ମାଲ୍ୟବନ୍ତ ମହୋତ୍ସବରେ ସୁପ୍ରସିଦ୍ଧ ଗାୟିକା ତ୍ରିଶା ଚାଟାର୍ଜି, ଶ୍ରୀଜାତା ଉପାଧ୍ୟାୟ, ଗାୟକ ସନତ ପାଣିଗ୍ରାହୀ, ସଙ୍ଗୀତ ଗାନ କରିବା ସହିତ ଘୁମୁରା, କୋୟା, ଓଡିଶୀ ନୃତ୍ୟ, ଗୋଟିପୁଅ, ଢେମସା ନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

# ଶ୍ରୀଶ୍ରୀ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ରାୟଗଡ଼ା,୧।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ସ୍ଥିତ ଜିଷ୍ଟ ପଡିଆଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ଜନ୍ମ ମହୋତ୍ସବ ତଥା ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଆଶୀର୍ବାଦ ପୃଷ୍ଟ ଧୃତି ଉତ୍ସଜୀ ଉତ୍ସବ ରାୟଗଡ଼ ଜିଲ୍ଲା ସଦର ମହକୁମା ଜିଷ୍ଟ ସ୍ଥିତ ଖଲି ଗୁଡ଼ା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କୁ ଉତ୍ସବ ପଡିଆକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବ ପଡିଆରେ ଦୁଇ ମଞ୍ଚରେ ବିଭିନ୍ନ ପ୍ରକାର ଆଞ୍ଚଳିକ ନୃତ୍ୟ ଗୀତ ଭଜନ କୀର୍ତ୍ତନ ଦିନ ତମାମ ପରିବେଷଣ କରାଯାଇଥିଲା । ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଇନ ପରାମର୍ଶ ଶିବିର, ରକ୍ତ ଦାନ ଶିବିର, ଦୀକ୍ଷା ପାତ୍ର କାର୍ଯ୍ୟ କ୍ରମ, ଶିକ୍ଷ୍ୟା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲ। ଏହି ମହାନ୍ ଦିବ୍ୟ କାର୍ଯ୍ୟକ୍ରମରେ ପ୍ରାୟ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଡ଼ୋଶୀ କୋରାପୁଟ ଏବଂ ଗଜପତି, ଗଞ୍ଜାମ ଜିଲ୍ଲାରୁ ବହୁ ସଂଖ୍ୟାରେ ଦୀକ୍ଷିତ ଏବଂ ଭଗବତ୍ ପ୍ରେମୀ ଯୋଗଦାନ କରିଥିଲେ। ଏହିପରି ଆଡମ୍ବରପୂର୍ଣ୍ଣ ଉତ୍ସବ ରାୟଗଡା ଜିଲ୍ଲାରେ ପ୍ରଥମ ଥର ପାଇଁ ବୋଲି ଜିଲ୍ଲାର ସାଧାରଣ ଜନସାଧାରଣ ମତ ବ୍ୟକ୍ତ କରିଛନ୍ତି। ହଜାର ହଜାର ଭକ୍ତଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା ହୋଇଥିଲା। ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସୁରେଶ ଚନ୍ଦ୍ର ଲେଙ୍କା, ଦେବରାଜ ମଲ୍ଲିକ ଅଦୃର୍ଯ୍ୟ କର୍ମୀ ସଂଗ୍ରାମ ନାୟକ, ଯାଜକ କର୍ମୀ ବିକ୍ରମ ନାୟକ , ଜୟପ୍ରକାଶ ଭଟ୍ଟରାୟ ଗୋବିନ୍ଦ ପ୍ରଧାନ, ହରାଧନ ମହାନ୍ତି, ବାଲୁଙ୍କେଶ୍ୱର ମୁଦୁଲି, ପ୍ରଶାନ୍ତ ବିଶୋଇ, ଦେବବ୍ରତ ସାହୁ, ବସନ୍ତ କୁମାର ସାହୁ, ଗୋପୀନାଥ ପାତ୍ର, ସନ୍ତୋଷ ପାତ୍ର, ହରିହର ଯାଦବ, କେଶବ ଗୋମାଙ୍ଗ, ଜୟୀରାମ ମୁଦୁଲି, ରମେଶ ବାରିକ ବାରିକ , ରଘୁନାଥ ସାମଲ, ହାରା ଧନ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ଦେବରାଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

# ଅମ୍ବାଦଳାରେ ବୃହତ୍ ହିନ୍ଦୁ ସମ୍ମିଳନୀ



ମୁନିଗୁଡା/ଅମ୍ବାଦଳା,୧।୨(ସମିସ): ମୁନିଗୁଡା ଓ ଅମ୍ବାଦଳାରେ ବୃହତ୍ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୃହତ୍ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୫ ହଜାରରୁ ଅଧିକ ମହିଳା ଯୋଗଦେଇ ଥିବା ବେଳେ ବାଘ ଡଙ୍ଗରି ନାଳରୁ ପବିତ୍ର ଜଳ କଳସରେ ଧରି ଅମ୍ବାଦଳା ଟାଉନ ଦେଇ ରାମ ମନ୍ଦିର ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ପୁରୋହିତ ବିପିନ ବିହାରୀ କର, ଅକ୍ଷୟ କୁମାର ରଥ, ଶିବାଶିଷ ପାଣିଗ୍ରାହୀ ଗାୟତ୍ରୀ ମହାଯଜ୍ଞର ଆୟୋଜନ ହୋଇଥିଲା। ପୁରୋହିତ ବିପିନ ବିହାରୀ କର, ଅକ୍ଷୟ କୁମାର ରଥ, ଶିବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ଗାୟତ୍ରୀ ମହାଯଜ୍ଞ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ନିର୍ମାଣଗିରି ମହାରାଜ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବା ଆୟାମ ପ୍ରମୁଖ ପ୍ରସନ୍ନଜିତ୍ ସିହ୍ନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ସଂଯୋଜକ ବିଶ୍ୱନାଥ ଶତପଥୀ, ଦଳିତ ସମାଜର ପୂଜାରୀ ସାଗର କୁସୁଲିଆ, ବନବାସୀ ସମାଜ ରାମଚନ୍ଦ୍ର ଭୋଇ ମଞ୍ଚାସୀନ ରହିଥିଲେ। ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଶକ୍ତିଶାଳୀ ଆହ୍ୱାନ କରିବା ଓ କିପରି ସମୟ ସହ ହିନ୍ଦୁ ଧର୍ମ, ଜୀବନ ମୂଲ୍ୟ, ପରିବାରିକ ସଂସ୍କାର ଓ ସାମାଜିକ ଦାୟିତ୍ୱକୁ ଗଭୀର ଭାବେ ଅନୁଷ୍ଠାନ କରାଯିବ ଅତିଥି ମାନେ ଲୋକମାନଙ୍କୁ ଉପଦେଶ ଦେଇଥିଲେ। ହିନ୍ଦୁ ସମାଜର ସଦସ୍ୟ, ବିଜେପି କର୍ମୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଦସ୍ୟ, ସ୍ଥାନୀୟ ଜନ ସାଧାରଣ, ସାଧୁ-ସନ୍ଥ, ଯୁବ ଏବଂ ମହିଳା ମାନଙ୍କ ସହଯୋଗ କାର୍ଯ୍ୟକ୍ରମକୁ ସଫଳ କରିଥିଲା। ମୁନିଗୁଡ଼ା ଠାରେ ଏକ ବୃହତ୍ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାମୀ ଜନକା ନନ୍ଦ ଗିରୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କରୁଣା କର ପାତ୍ର ,ମୁଖ୍ୟ ବକ୍ତା କଳାହାଣ୍ଡି ଜିଲ୍ଲା ତଥା କୋରାପୁଟ ର ଧର୍ମ ଜାଗରଣ ସମନ୍ୱୟ ସମିତି"ଦାୟିତ୍ୱ ରେ ଥିବା ପ୍ରଭାତ କୁମାର ମହାପାତ୍ର ମଞ୍ଚାସିନ ରହିଥିଲେ।

# ଧାନମଣ୍ଡିରେ ଟାର୍ଗେଟ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦରଖାସ୍ତ



ମାଲକାନଗିରି, ୧।୨(ସମିସ): ମାଲକାନଗିରି ଜିଲ୍ଲାରେ ଧାନମଣ୍ଡି ଗୁଡିକରେ ଲାଗି ରହିଥିବା ଅବ୍ୟବସ୍ଥା ଓ ଧାନମଣ୍ଡିରେ ଟାର୍ଗେଟ ବୃଦ୍ଧି କରିବା ନେଇ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ଦେଲେ ଚାଷୀ। ଜିଲ୍ଲାରେ ଧାନ କ୍ରୟ ଆରମ୍ଭ ହୋଇ ଅନେକ ଦିନ ବିତି ଯାଇଥିବା ବେଳେ ବିଭିନ୍ନ ମଣ୍ଡିରେ ଟାର୍ଗେଟ ଶେଷ ହେବାକୁ ବସିଲାଣି। ବର୍ତ୍ତମାନ ମଧ୍ୟ ବହୁ ଚାଷୀ ନିଜର ଧାନ ବିକ୍ରୟ କରି ନଥିବା ବେଳେ ଟାର୍ଗେଟ ବୃଦ୍ଧି ନ ହେଲେ ଚାଷୀ ସମସ୍ୟାର ସାମ୍ନା କରିବେ। ତେଣୁ ଏହାକୁ ନେଇ ଜିଲ୍ଲାର ମାଥିଲିବ୍ଲକସ୍ଥମେକା,କତାପାଲିଓଭଣ୍ଡାରୀପାଙ୍ଗମପଞ୍ଚାୟତରଚାଷୀମାନେଜିଲ୍ଲାପାଳସୋମେଷ କୁମାର ଉପାଧ୍ୟାୟଙ୍କୁ ଭେଟି ମେକ୍କା ମଣ୍ଡିରେ ୧୫୦୦ କ୍ୱିଣ୍ଟାଲ ଧାନ କ୍ରୟ ବଦଳ ରେ ୨୫୦୦ କ୍ୱିଣ୍ଟାଲକୁ ଟାର୍ଗେଟ ବୃଦ୍ଧି କରିବା ପାଇଁ ଦାବି ଜଣାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଟାର୍ଗେଟ ବୃଦ୍ଧି କରା ନଗଲେ ଆଗାମୀ ଦିନରେ ରାଜରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରାଯିବ ବୋଲି ଦରଖାସ୍ତରେ ଚାଷୀ ଉଲ୍ଲେଖ କରିବା ସହ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଶିଶୁ ପୁସ୍ତକ 'ସ୍ମାର୍ଟ ପିଲାଙ୍କ ସ୍ମାର୍ଟ ଗପ' ଉନ୍ମୋଚିତ



ରାୟଗଡ଼ା, ୧।୨(ସମିସ): ରାୟଗଡ଼ା ଜିଲ୍ଲା ତାମ୍ବୁଲବାଇ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ତଥା ଲେଖକ ବିପିନ ସାହୁଙ୍କ ରଚିତ ଶିଶୁ ଗଳ୍ପ ପୁସ୍ତକ 'ସ୍ମାର୍ଟ ପିଲାଙ୍କ ସ୍ମାର୍ଟ ଗପ' ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୀରାବାଲି ସରପଞ୍ଚ ଅଶୋକ ପୁଆଲା ଏବଂ ସମ୍ମାନିତ ଅତିଥି ଭାବେ ମୀରାବାଲି କ୍ଲଷ୍ଟରର ସିଆରସିସି ଉମେଶ କୁମାର ଗାଣ୍ଟା ଯୋଗଦେଇ ପୁସ୍ତକଟିକୁ ଲୋକାର୍ପଣ କରିଥିଲେ। ଏହି ପୁସ୍ତକଟି ମୁଖ୍ୟତଃ କୋମଳମତି ଶିଶୁମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ସାଇବର ସୁରକ୍ଷା ବିଷୟରେ ସଚେତନ କରିବା ଲକ୍ଷ୍ୟରେ ଲେଖାଯାଇଛି। ଆଜିକାଲିର ଡିଜିଟାଲ ଦୁନିଆରେ ପିଲାମାନେ କିପରି ସୁରକ୍ଷିତ ରହିବେ, ସେ ବିଷୟରେ ଏହି ପୁସ୍ତକରେ ସରଳ ଗପ ମାଧ୍ୟମରେ ବୁଝାଯାଇଛି। ଉନ୍ମୋଚନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ସ୍ଥାନୀୟ ୱାର୍ଡ ମେମ୍ବର ଓ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ତୃତୀୟ ଲିଙ୍ଗୀଙ୍କ ପାଇଁ ଆଇନ ଅଧିକାର ସଚେତନତା




ରାୟଗଡ଼ା, ୧।୨(ସମିସ): ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ (ଡିଏଲଏସଏ)ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ରାୟଗଡା ସିଭିଲ କୋର୍ଟ ପରିସରରେ ଥିବା କନଫରେନ୍ସ ଗୃହରେ ତୃତୀୟ ଲିଙ୍ଗୀ ମାନଙ୍କର ଅଧିକାର ସଂପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସୋସିଆଲ ସିକ୍ୟୁରିଟି ଅଫିସର ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପ୍ରୋଟେକ୍ସନ ଅଫିସର ପ୍ରତିମାରାଣୀ ଦାସ, ଏଡିପିଏଚ୍ଓ ଡକ୍ଟର କିଶୋର୍ କୁମାର ବରାଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ରାୟଗଡା ରେଲୱେ ଷ୍ଟେସନର ସବ ଇନ୍ସପେକ୍ଟର ବି. ସୁର୍ଯ୍ୟନାରାୟଣ ରାଓ, ରାୟଗଡା ବାର ଆସୋସିଏସନର ଓକିଲ ଦେବରାଜ ନାଏକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ବିଶ୍ୱନାଥ ଗନ୍ତାୟତ, ମା ମଝିଘରିଆଣୀ କମ୍ୟୁନିଟି ବେସଡ୍ ଅରଗାନାଇଜେସନର ସଭାପତି, ସଂପାଦକ ସମେତ ୪୦ରୁ ଅଧିକ ତୃତୀୟ ଲିଙ୍ଗୀ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସୋସିଆଲ ସିକ୍ୟୁରିଟି ଅଫିସର ନିଜର ବକ୍ତବ୍ୟରେ ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ସ୍କଲାରସିପ ଯୋଜନା, ଦକ୍ଷତା ବିକାଶ ଯୋଜନା, ଆଜିବିକା ପ୍ରସାହନ ଯୋଜନା, ରିଭଲବିଙ୍ଗ ଫଣ୍ଡ ଏଥିସହିତ ଅନ୍ୟାନ୍ୟ ସ୍କିମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମା ମଝିଘରିଆଣୀ କମ୍ୟୁନିଟି ବେସଡ୍ ଅରଗାନାଇଜେସନର ତୃତୀୟ ଲିଙ୍ଗୀ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

# ସୋରିଷମାଳି ଜଳପ୍ରପାତ ଅବହେଳିତ



ଚନ୍ଦ୍ରପୁର ୧।୨(ସମିସ) ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବୁଡୁବାଲି ଗ୍ରାମ ପଞ୍ଚାୟତ ଯାର୍ଗିମା ଗ୍ରାମ ନିକଟରେ ପ୍ରକୃତିର ଅପାର ସୌନ୍ଦର୍ଯ୍ୟରେ ଭରପୁର ବନ ପାହାଡ ଜଙ୍ଗଲ ମଧ୍ୟରେ ଲୁକ୍କାୟିତ ରହିଛି ସୋରିଷମାଳି ଜଳପ୍ରପାତ। ବହୁ ଉଚ୍ଚତାରୁ ଝରିପଡୁଥିବା ଏହି ଜଳ ପ୍ରପାତ ବୁଦ୍ଧିଜୀବୀ, ପ୍ରକୃତି ପ୍ରେମୀ ଓ ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଅଦ୍ଭୁତ ଆକର୍ଷଣ କେନ୍ଦ୍ର ବିନ୍ଦୁ ହୋଇରହିଛି। ବର୍ଷା ଦିନରେ ଜଳପ୍ରପାତର ତଳେ ଥିବା ପଥରୀଆ ଜାଗା, ଘନ ବୃକ୍ଷ ଗୁଡ଼ିକ ଏହି ସ୍ଥାନକ ଅତିଥିଙ୍କୁ ପାଛଟି ନେଲା ଭଳି ମନେହେଉଛି। ପ୍ରଦୂଷଣ ମୁକ୍ତ ପରିବେଶ, ଜାର୍ପାଠାରୁ ସରିସମାଳି ପ୍ରାୟ ୭ କିଲୋମିଟର ଯିବାପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତାରେ ଯାଇ ଜାର୍ଗିମାଗ୍ରାମ ଠାରୁ ୫୦୦ମିଟର କିଛିବାଟ ଚାଲିବାକୁ ପଡ଼ିଥାଏ। ପାହାଡ଼ ଉଚ୍ଚାରୁ ପାଣି ପଡ଼ିବା ଦୃଶ୍ୟ ବେଶ ମନୋରମ। କିନ୍ତୁ ପ୍ରଚାର ପ୍ରସାର ଅଭାବ ଯୋଗୁ ଆଜି ଅବହେଳିତ ଓ ଲୁକ୍କାୟିତ ଅବସ୍ଥାରେ ରହିଯାଇଛି ସୋରିଷମାଳି। ସରକାର, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଚନ୍ଦ୍ରପୁର ବ୍ଲକର ସରିସମାଳି ଜଳପ୍ରପାତ ରାୟଗଡ଼ା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଚନ୍ଦ୍ରପୁର ବ୍ଲକ୍‌ବାସୀ ଦାବି ଜଣାଇଛନ୍ତି।

# ହାଇସ୍କୁଲ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି,୧।୨(ସମିସ): ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ସୋଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସେରପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନନିଗୋପାଲ୍ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୋଏ ଏବଂ ପ୍ରଧାନ ମୁଖ୍ୟ ଅତିଥି ଶ୍ରୀ ପାତ୍ରଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜୟଦେବ ପଣ୍ଡା ଓ ନିତ୍ୟାନନ୍ଦ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉକ୍ତ ସଭାରେ ସନ୍ଦୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ମାନସ ରଞ୍ଜନ ସେନାପତି, ରଞ୍ଜିତ ପରିଜା, ଗୁପ୍ତ ପ୍ରସାଦ ଗନ୍ତାୟତ, ଚିରଞ୍ଜିବି ପଣ୍ଡା, ଦୁର୍ଗାମାଧବ ପାଢ଼ୀ, ସ୍ମୃତି ରେଖା ଓଝା, ମମତା ନାୟକ, ଶୁଭଶ୍ରୀ ଶତପଥୀ, ସଂଧ୍ୟା ମହାପାତ୍ର, ଅଙ୍କିତା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଡଙ୍ଗାମାଟିରେ ପିଇବା ପାଣିର ସମସ୍ୟା

# ଝରଣା ପାଣି ପିଇ ଲୋକେ ରୋଗିଣା



କଲ୍ୟାଣସିଂହପୁର,୧।୨(ସମିସ): ନିୟମଗିରି ପାହାଡ଼ ଅଞ୍ଚଳରେ ନିତିଦିନିଆ ପାଣି ସମସ୍ୟା । ଝରଣା ପାଣି ପିଇ ଲୋକମାନେ ରୋଗିଣା । ସମାଧାନ କରି ପାରୁନି ଡିକେଡିଏ ସଂସ୍ଥା । ଏମିତି ଏକ ଗ୍ରାମ ରହିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ପଞ୍ଚାୟତର ଦୁର୍ଗମ ପାହାଡିଆ ଗ୍ରାମ ଡ଼ଙ୍ଗାମାଟି । ଏହି ଗ୍ରାମରେ ସମସ୍ତ ପରିବାର ପିଭିଟିଜି ଜନଜାତିରେ ଅନ୍ତର୍ଭୁକ୍ତ। ଏମାନଙ୍କ ପାଇଁ ଡିକେଡିଏ, ଓପିଲିପି, ଆଇଫର୍ଡ, ଆଇଟିଡିଏ, ବ୍ଲକ, ପଞ୍ଚାୟତ ଓ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଭଳି ସରକାରୀ ଓ ବେସରକାରୀ ସଂସ୍ଥା ଦୀର୍ଘ ଚାଳିଶି ବର୍ଷ ଗ୍ରାଉଣ୍ଡ ଜୀରରୁ କାମକଲା କିନ୍ତୁ ଚିରସ୍ଥାୟୀ କାର୍ଯ୍ୟ ନକରି ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଲୋକଙ୍କୁ ଭଲ ପାଣି ନାହିଁ ବୋଲି ବର୍ଷା ଶୀତ ଓ ଗ୍ରୀଷ୍ମ ଋତୁରେ ପାଣି ମୁନ୍ଦାଏ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମର ଡଙ୍ଗରିଆ ମାନେ। ଗ୍ରାମରେ ସଲାର ଚଳିତ ଏକ ନଳକୂପ ରହିଛି ଗତ ଏକ ବର୍ଷ ପୂର୍ବେ ନୂତନକରି ସରକାର ଲଗାଇଥିଲେ। ଉକ୍ତ ସଲାର ଚଳିତ ନଳକୂପ ପାଇଁ ପ୍ରାୟ ଆଠ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲେ କିନ୍ତୁ କିଛିଦିନ ଚାଲିବା ପରେ ପାଣି ଆଉ ଆସିଲା ନାହିଁ। ଯାହା ଫଳରେ ଲୋକେ ନିକଟସ୍ଥ ଝରଣା ପାଣି ପିଇ ଜୀବନ ବଞ୍ଚାଉ ଛନ୍ତି। ସଲାର ଓ ପାଣିଟାଙ୍କି ପାଇଁ ପ୍ରାୟ ଆଠ ଲକ୍ଷ ଟଙ୍କା କୁଆଡେ ଖର୍ଚ୍ଚ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସଲାର ଚାଳିତ ନଳକୂପ କେଉଁ ସଂସ୍ଥା ଲଗାଇଲା କାହାକୁ ଜଣା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଶୀତ ଋତୁ ଚାଲୁଥିବା ସମୟରେ ହିଁ ପାଣି ପାଇଁ କଷ୍ଟ ଅନୁଭବ କରୁଥିବା ବେଳେ ଗ୍ରୀଷ୍ମ ଋତୁ ଆସିବା ବେଳେ ଲୋକଙ୍କ ଅବସ୍ଥା କଣ ହେବ ଚିନ୍ତା କରନ୍ତୁ। ପଞ୍ଚାୟତର କି ବ୍ଲକର ଦାୟିତ୍ୱ ରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମଧ୍ୟ ଚୁପ ଥିବା ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ଙ୍କ ନିର୍ଦ୍ଦେଶ କୁ ବ୍ଲକ ପ୍ରଶାସନ କିମ୍ବା ଡିକେଡିଏ ସମ୍ପୂର୍ଣ୍ଣ ଭୁଲି ଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗ୍ରାମର ଜଳ ସମସ୍ୟା ସମାଧାନ କରିବା ପାଇଁ ଦାବି ହୋଇଛି।

● ଏଆଇସିସିଟିୟୁର ସମ୍ମିଳନୀ

# ଦାବି ପୂରଣ ନ ହେଲେ ଫେବୃଆରୀ ୧୨ରେ ଧର୍ମଘଟ




ପଦ୍ମପୁର,୧।୨(ସମିସ): ଦକ୍ଷିଣଓଡିଶା ପାଚିକା ଓ ସହାୟକ ମହାସଂଘ (ଏଆଇସିସିଟିୟୁ ) ତରଫରୁ ପଦ୍ମପୁର ଜଗମଣ୍ଡା ପାହାଡ଼ ଉପରେ ବ୍ଲକ ସଭାପତି ଦୀପ୍ତି ବେବରିଆଙ୍କ ସଭାପତିତ୍ୱରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ଉପଦେଷ୍ଟା ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ବିରୋଧୀ ନିତିକୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରମିକ କର୍ମଚାରୀ ବିରୋଧୀ ଚାରୋଟି ଶ୍ରମ କୋଡ୍ ବାତିଲ କରିବା, ବିଦ୍ୟୁତ ଆଇନ ୨୦୨୫ ବାତିଲ କରିବା, ମାସିକ ୨୬ ହଜାର ଟଙ୍କା ଓ ପାଚିକା ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଶ୍ରମିକ ମାନଙ୍କୁ ୮ ଘଣ୍ଟା କାମକୁ ୧୦ ଘଣ୍ଟା କାମ ବନ୍ଦ କରିବା , ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ପାଚିକାମାନଙ୍କୁ ୧୦ ମାସର ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ କରିବା, ଅବସରକାଳୀନ ବୟସ ସୀମା ୬୨କୁ ବୃଦ୍ଧି କରିବା ସହିତ ୬୦ବର୍ଷ ପରେ ବାଦ ପଡିଥିବା ପାଚିକାଙ୍କୁ ଭତ୍ତା ପ୍ରଦାନ କରିବା। ପାଚିକାଙ୍କୁ ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ପାଚିକାମାନଙ୍କୁ ଛୁଟି ନେବାର ବ୍ୟବସ୍ଥା ସହିତ ସରକାରୀ ନିୟମ ଅନୁଯାୟୀ ପାରିଶ୍ରମିକ ସହିତ ପ୍ରସୂତିକାଳୀନ ଛୁଟିର ବ୍ୟବସ୍ଥା କରିବା, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେସନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରିବା, ପାଚିକାମାନଙ୍କର ଗତ ୪ ବର୍ଷର ବକେୟା ଶାଢୀ ପ୍ରଦାନ ସହିତ ସହିତ ବର୍ଷକୁ ଦୁଇ ହଳ ଶାଢୀ ପ୍ରଦାନ, ସାମାଜିକ ନିରାପତ୍ତା, ବୀମାଭୁକ୍ତ କରିବା, ବିଭିନ୍ନ ସ୍କୁଲରେ ନୂତନ ଭାବେ ନିଯୁକ୍ତି ପାଉଥିବା ପାଚିକାଙ୍କୁ ନିଯୁକ୍ତି ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍‌ରେ ଆବଶ୍ୟକୀୟ ବ୍ୟୟ ବରାଦ କରିବା ସହ ଛାତ୍ର ଛାତ୍ରୀ ମାନଙ୍କର ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି କରିବା ନେଇ ଫେବୃଆରୀ ୧୨ ଦେଶ ବ୍ୟାପି ଧର୍ମଘଟ ଓ ହଡତାଲ କରିବା ପାଇଁ ଜିଲ୍ଲା ଉପଦେଷ୍ଟା ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାର୍ବତୀ ଶବର, ଦେବକୀ ଶବର, ପୁଷ୍ପାଞ୍ଜଳି ପୁଷ୍ପାଞ୍ଜଳି ପାଣିଗ୍ରାହୀ, ଗୀତାଞ୍ଜଳି ପଟ୍ଟନାୟକ, ଉର୍ମିଳା କଣ୍ଡାଗୀରି, ଫୁଲ ଶବର, ଦିପ୍ତି ବେବରିଆ, ରୁକୁଣୀ ଶବର, ବିଜୟଲକ୍ଷ୍ମୀ ଶବର, ଅନିତା ଶବର, ରାଜେନ୍ଦ୍ର ମାଝୀ, ସରସ୍ୱତୀ ଦଳପତି ଓ ହେମଲତା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ବ୍ୟବସାୟୀଙ୍କୁ ଉପରେ କଠୋର ହେଲା କାଳିମେଳା ପୁଲିସ



ମାଲକାନଗିରି, ୧।୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଉଣ୍ଡୁକୋଣ୍ଡା ଗାଁ ବ୍ୟବସାୟୀ ଅପୂର୍ବ ମହାଲଦାରଙ୍କ ଘରୁ ୨୯ ଲିଟର ବିଦେଶୀ ମଦ, ୧୦୦୦ ନଗଦ ଜବତ ଏବଂ ଉଣ୍ଡୁକୋଣ୍ଡା କପିଲ କୁମାର ଯାଦବଙ୍କ ଘରୁ ୨୧ ଲିଟର ବିଦେଶୀ ମଦ ସହ ନଗଦ ୨୫୦୦ ଟଙ୍କା ଜବତ କରିଛି କାଳିମେଳା ଥାନା ପୁଲିସ। ନୁତନ କରି କାଳିମେଳା ଥାନା ନୂତନ ଆଇଆଇସି ଭାବେ ପ୍ରଭୁଦତ୍ତ ବିଶ୍ୱାଳ ଯୋଗ ଦେବା ପରେ ଏହି ଚଢାଉ କରିଛନ୍ତି । ସୂଚନା ଯୋଗ୍ୟ ମାଲ୍ୟବନ୍ତ ମହୋତ୍ସବ ଲାଗି ଜାନୁଆରୀ ୨୯ ଠାରୁ ଫେବୃଆରୀ ୫ ତାରିଖ ଯାଏଁ ଜିଲ୍ଲାରେ ମଦ ବିକ୍ରୀ ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ବୈପାରୀଗୁଡ଼ା, ୧।୨(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। କମିଟି ସୂଚନା ଅନୁଯାୟୀ, ଆସନ୍ତା ମାର୍ଚ୍ଚ ମାସରେ ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଛି। ମାର୍ଚ୍ଚ ୩ ତାରିଖ ଠାରୁ ଆରମ୍ଭ ହେବ ଏବଂ ମାର୍ଚ୍ଚ ୮ ତାରିଖ ଦିନ ଶେଷ ହେବ ବୋଲି ଜଣା ପଡିଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ୬ ଦିନ ଧରି ଚାଲିବ। ଏଥିରେ ପ୍ରଥମେ ଅଧିବାସ ପରେ ସୂର୍ଯ୍ୟପୂଜା ଯଜ୍ଞ ଆରମ୍ଭ ଏବଂ ପରେ ଅଙ୍କୁରୋପଣ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏଇ ଅବସରରେ ମନ୍ଦିର ନ୍ୟାସ, ଠାକୁର ବିଜେସ୍ଥଳୀ ପୂଜନ, ମନ୍ଦିର ଶିଖରରେ ହନୁମାନଜୀଉଙ୍କ ଚକ୍ର ଓ ପତାକା ସ୍ଥାପନ, କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ, ରାମଚରିତ ମାନସ ଓ ହନୁମାନ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ବେଦଜ୍ଞ ପଣ୍ଡିତମାନେ ଯୋଗ ଦେବାର ବ୍ୟବସ୍ଥା ରହିଛି। ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ଭିବି ଜି ରାମ୍ ଜି ନେଇ ମଣ୍ଡଳ ସମ୍ମିଳନୀ

ପଟ୍ଟାଙ୍ଗି,୧।୨(ସମିସ): କୋରାପୁଟ ଜିଲ୍ଲା ସୁଙ୍କି ମଣ୍ଡଳ ଠାରେ ଭିବି ଜୀ ରାମ୍ ଜି ନେଇ ମଣ୍ଡଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଡାକ ବଙ୍ଗଳା ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମଣ୍ଡଳ ସଭାପତି ଜିତେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆସିଥିବା ବରିଷ୍ଠ ନେତୃ ମଣ୍ଡଳୀ ତଥା ସହ ପ୍ରଭାରୀ ତ୍ରିନାଥ ବେହେରା ଏବଂ ଏସସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପୂର୍ଣ୍ଣ ବାଙ୍କା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ବିଭି ଜୀ ରାମ୍ ଜୀ ଯୋଜନ ନେଇ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର କର୍ମୀ ତଥା ରାଲେଗଡ଼ା ଗ୍ରାମର କର୍ମୀ ଖଗପତି ମାଛ, ତଳ ଗୋଲୁର ପଞ୍ଚାୟତର ଯେଟି ଚିହ୍ନା ରାଓ, ମେଟା କାନ୍ଦେଲି ଗ୍ରାମର ଗୋବିନ୍ଦ ଦୁସେରି, ମୁଟି ସିଡେଙ୍ଗା ଗ୍ରାମର ତ୍ରିନାଥ ତାମେଲି ପ୍ରମୁଖ ଯୋଗଦାନ ଦେଇଥିଲେ।

# ଘଣ୍ଟାଏରେ ମୃତ୍ୟୁ ହେବ କହି ରୋଗୀକୁ ଫେରାଇଦେଲେ ଡାକ୍ତର



ରାୟଗଡ଼ା,୧।୨(ସମିସ): ସମସ୍ତ ଚିକିତ୍ସା ପରେ ଡାକ୍ତର ଏକ ଘଣ୍ଟାରେ ପ୍ରାଣବାୟୁ ଉଡିଯିବ ବୋଲି କହିବା ସହ ଘରକୁ ନେଇ ଯିବାକୁ ରୋଗୀଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ହେଲେ ୨୪ଘଣ୍ଟାରୁ ଅଧିକ ସମୟ ବିତିଥିଲେ ମଧ୍ୟ ଚିକିତ୍ସାଧୀନ ବ୍ୟକ୍ତି ଜଣକ ଏବେ ବି ଜୀବିତ ଅଛନ୍ତି। ଯାହାକୁ ନେଇ ପଡୋଶୀ ଆନ୍ଧ୍ର ଉପରେ ନିର୍ଭର କରି ଯାଉଥିବା ରାୟଗଡା ଜିଲ୍ଲାର ଅନେକ ରୋଗୀ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ଆସ୍ଥା ହରାଇଛନ୍ତି । ଏମିତି ଏକ ଘଟଣା ରାୟଗଡା ସହରର ବିଦ୍ୟାନଗର ଅଞ୍ଚଳରେ ଘଟିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚିକିତ୍ସାକୁ ଲୋକେ ନିନ୍ଦା କରିଛନ୍ତି ଅଞ୍ଚଳବାସୀ। ବିଦ୍ୟାନଗର ପଞ୍ଚମ ଗଳିର ଜଗନ୍ନାଥ ସ୍ୱାମୀ(୫୩)ଗତ ସାତ ଦିନ ଧରି ବିଶାଖାପାଣାମର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ଲିଭର୍ ଅଚଳ ହୋଇଥିବା ଦର୍ଶାଇ ଡାକ୍ତର ତାଙ୍କୁ ଅକ୍ସିଜେନ ସାହାର୍ଯ୍ୟରେ ଭେଣ୍ଟିଲେଟରରେ ରଖି ଚିକିତ୍ସା କରୁଥିଲେ। ହେଲେ ଗତକାଲି ସନ୍ଧ୍ୟାରେ ଡାକ୍ତର ଭେଣ୍ଟିଲେଟରରୁ ବାହାର କରି ନିଜ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେବା ସହ ଏକ ଘଣ୍ଟା ପରେ ପ୍ରାଣବାୟୁ ଚାଲିଯିବ ବୋଲି କହିଥିଲେ। ପରେ ପରିବାର ଲୋକେ ଜଗନ୍ନାଥ ସ୍ୱାମୀଙ୍କୁ ରାତି ୧୨ଟା ସମୟରେ ରାୟଗଡା ନେଇ ଆସିଥିଲେ। ଖବରପାଇ ସ୍ଥାନୀୟ ଲୋକେ ତାଙ୍କ ଘରେ ରୁଣ୍ଡ ହୋଇଥିବା ବେଳେ ସେ ଏବେବି ଜୀବିତ ଅଛନ୍ତି। କଥା କହିପାରୁନଥିବା ବେଳେ ଶରୀରର ସମସ୍ତ ଅଙ୍ଗ କାମ କରୁଥିବା ଦେଖିବାକୁ ମିଳିଛି। ଆୟୁଷ୍ମାନ ଯୋଜନାରେ ଡାକ୍ତରଖାନାରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱରୁ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟାନ୍ୟ ଖର୍ଚ୍ଚ କରି ପରିବାର ଲୋକେ ନୟାନ୍ତ ହୋଇଥିବା ବେଳେ ଡାକ୍ତରଙ୍କ ଭୁଲ ଚିକିତ୍ସା ଓ ପରାମର୍ଶକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏବେ ଜଗନ୍ନାଥ ସ୍ୱାମୀଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ତାଙ୍କ ସମ୍ପର୍କୀୟ ଜି. ଆପ୍ପାରାଓ ପ୍ରକାଶ କହିଛନ୍ତି।

● ଜୀବିତ ଅଛନ୍ତି ରୋଗୀ

# ନାଳ ବାଲି ଉଠାଣ ଅବଧି ଶେଷ

ଗୁଡାରୀ,୧।୨(ସମସ): ଗୁଡାରୀ ବଂଶଧାରା ନଦୀବାଲି ଉଠାଣ ଗତ ୨୦୨୫ରୁ କୌଣସି କାରଣରୁ ବନ୍ଦରହିଥିବା ବେଳ ୨୦୨୬ ଜାନୁୟାରୀ ୨୬ ତାରିଖରୁ ନାଳବାଲିର ଉଠାଣର ସମୟ ସୀମା ଶେଷ ହୋଇଯାଇଛି। ଏହାକୁ ପରିଷଦରେ କୋଠା ନିର୍ମାଣ କିମ୍ବା ଅନ୍ୟାନ୍ୟ ସରକାରୀ କାମ ପାଇଁ ବାଲି ପଥର ନିତ୍ୟାନ୍ତ ଆବଶ୍ୟକ। ନଦୀ ବାଲି ବିଗତ ଦୁଇ ବର୍ଷ ତଳେ ଟେଣ୍ଡର କରାଯାଇଥିଲେ ମଧ୍ୟ ଏହାକୁ ନେଇଥିବା ଠିକାଦାର ଖଣିଜ ସମ୍ପଦ ବିଭାଗକୁ ଗୁଡିଏ ଟଙ୍କା ବକେୟା ରହିଥିବା ଜଣାପଡିଛି। ଏଣୁ ବିଭାଗ ଜରିମାନା ଆଦାୟ କରିବା ପାଇଁ ଓପିଡିଏଲ ମାଧ୍ୟମରେ କୋର୍ଟରେ ମାମଲା ଦାୟର କରିଛନ୍ତି । ଜିଲ୍ଲା ଖଣିଜ ବିଭାଗର ଅଧିକାରୀ ରାଜେନ୍ଦ୍ରଙ୍କ କହିବା ଅନୁସାରେ ଏହା କୋର୍ଟ ମାମଲାର ମାମଲାରେ ଶୁଣାଣି ପରେ ଅନ୍ୟ ପଦକ୍ଷେପ ନିଆଯିବ। ସେକ୍ସସ୍ ୧,୨ ସମସ୍ତ ସର୍ବେ କାମ ଶେଷ ହୋଇଛି ବହୁ କମ୍ ଦିନ ମଧ୍ୟରେ ସେକ୍ସସ୍ ୨ (ନାଳ ବାଲି) ଟେଣ୍ଡର ଆରମ୍ଭ ବୋଲି କହିଛନ୍ତି. ଅନ୍ୟପଟେ ନାଳ ବାଲିର ଅବଧି ଶେଷ ହୋଇଥିବା ବେଳେ ଖଣିଜ ବିଭାଗ ସମୟ ସିମା ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ନ କରିବା ଏକ ପ୍ରକାର ଦାୟିତ୍ୱ ହିନତା ବୋଲି ସାଧାରଣ ଲୋକ କହିଛନ୍ତି. କାରଣ ସହରରେ ଲୋକସଂଖ୍ୟା ଦିନକୁ ଦିନ ବିଡିବାରେ ଲାଗିଛି। ଏଣୁ କୋଠାବାଡି ନିର୍ମାଣ କରିବା ପାଇଁ ବାଲି ପଥର ଅବଶ୍ୟକତା ଯଥେଷ୍ଟ ବଢ଼ିଛି। ବାଲିର ଚାହିଦା ବଢିବା ଫଳରେ ବାଲି ମାଫିଆଙ୍କ ପାଦୁର୍ଭାବ ଗୁଡାରୀ ସହର ଏବଂ ଆଖପାଖ ପଞ୍ଚାୟତ ଦେଖିବାକୁ ମିଳୁଛ। ଖଣିଜ ବିଭାଗ ଟେଣ୍ଡର ପ୍ରକ୍ରିୟା କମ୍ ଦିନରେ ଆରମ୍ଭ ନ କରେ ତେବେ ଦଲାଲ ମାନେ ବାଲି ଚୋରି କରି ଚଢ଼ାଦରରେ ବିକ୍ରି କରିବେ। ଏଣୁ ନାଳ ବାଲିକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି।

● ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ

## ପାଣିରେ ବୁଡ଼ି ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ

ଜୟପୁର, ୧।୨,(ସମିସ): ଜୟପୁର ସଦର ଥାନା ଅଞ୍ଚଳରେ ପାଣିରେ ବୁଡି ଷଷ୍ଠ ଶ୍ରେଣୀର ନାବାଳକ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଉପର କୋଲବର ଗରୁନାଥ ଟାକ୍ରୀଙ୍କ ନାବାଳକ ପୁଅ ମହେଶ ଟାକ୍ରୀ (୧୨) ନିକଟସ୍ଥ ଏକ ନାଳକୁ ସାଙ୍ଗ ମାନଙ୍କ ସହିତ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ନାବାଳକ ମହେଶ ତାଙ୍କର କିଛି ସାଥିଙ୍କ ସହିତ ନିକଟସ୍ଥ ଏକ ନାଳକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଗାଧୋଇବା ବେଳେ ନାଳ ଭିତରକୁ ଚାଲିଯାଇଥିଲେ। ସେଠାରେ ଗଭୀର ଜଳରାଶିରେ ବୁଡି ଯାଇଥିଲେ। ତାଙ୍କ ସାଥିମାନେ ପାଟି କରିବା ସହିତ ନିକଟସ୍ଥ ଏକ ବସ୍ତି ବାସିନ୍ଦାଙ୍କୁ ଡାକିଥିଲେ। ସେଠାରୁ ବସ୍ତିବାସିନ୍ଦା ଆସି ପାଣି ଭିତରରୁ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ତୁରନ୍ତ ନାବାଳକଙ୍କୁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ

କାଶୀପୁର,୧।୨(ସମିସ): ଅମର ଜ୍ୟୋତି ଫାଉଣ୍ଡେସନ୍ ଓ ରେକିଟ ଇଣ୍ଡିଆର ମିଳିତ ଉଦ୍ୟମରେ ଡେଟଲ ବନେଗା ସ୍ୱସ୍ଥ ଇଣ୍ଡିଆ ପ୍ରୋଗ୍ରାମ ଅଧୀନରେ କାଶୀପୁର ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସରକାରି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ପରିମଳ, ସୁରକ୍ଷିତ ପାନୀୟ ଜଳ ବିଷୟରେ ଶିକ୍ଷକଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ କାଶୀପୁର ଗୋଷ୍ଠୀ ଶିକ୍ଷାଅଧିକାରୀ ଅମରସିଂ ନାଏକ ଯୋଗଦେଇ ସ୍ୱଚ୍ଛତା ଉପରେ ଅଭିଭାଷଣ ରଖୁଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ଅମର ଜ୍ୟୋତି ଫାଉଣ୍ଡେସନ୍‌ର ପ୍ରୋଗ୍ରାମ ସଂଯୋଜକ ଆଲୋକ ମିଶ୍ର, ରୂପଧର ମାଝୀ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ପ୍ରଶିକ୍ଷଣ କ୍ରାୟ୍ୟକ୍ରମକରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ।

# ବଜେଟ୍‌ରେ ଆନ୍ଧ୍ରକୁ ଗୁରୁତ୍ୱ, କୋରାପୁଟର ଦେଓମାଳୀକୁ ଅଣଦେଖା; ସପ୍ତଗିରି ଉଲାକା

ରାୟଗଡ଼ା,୧।୨(ସମିସ): ଆଜି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପାରିତ କେନ୍ଦ୍ରୀୟ ବଜେଟ୍‌କୁ ନୈରାଶ୍ୟଜନକ ବୋଲି କହିଛନ୍ତି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା। ଟ୍ରମ୍ପ ଟାରିଫ ଲାଗୁ କରିବା ଯୋଗୁଁ ଭାରତ ଦେଶରେ ଟେକ୍ସ ଟାଇଲ ଶିଳ୍ପକୁ ଗଭୀର କ୍ଷତି ପହଞ୍ଚିଥିବା ବେଳେ ଦେଶରେ ଦରଦାମ ବୃଦ୍ଧି ଭଳି ସମସ୍ୟାକୁ କୌଣସି ଉଲ୍ଲେଖ ନ କରି କେନ୍ଦ୍ର ସରକାର ବଜେଟରେ କେବଳ ପୁଞ୍ଜିପତି,ଧୀନ ଲୋକଙ୍କ ପାଇଁ ଏ ବଜେଟରେ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ଉଲାକା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ବଜେଟରେ ମଧ୍ୟବିତ,ଚାକିରିଆ,ଚାଷୀ ଓ ଗରୀବ ଲୋକଙ୍କ ପାଇଁ କୌଣସି ରିଲିଫ ନ ଥିବା ବେଳେ କେବଳ ଫୁଜିପତିମାନଙ୍କୁ ପ୍ରୋମୋଟ କରିବା ପାଇଁ ସେମାନଙ୍କ କ୍ଷେତ୍ରରେ ରିଲିଫ ବ୍ୟବସ୍ଥା କରିଛନ୍ତି କେନ୍ଦ୍ର ସରକାର। ଓଡିଶା କ୍ଷେତ୍ରରେ ମଧ୍ୟ ଆଦିବାସୀ ଏବଂ କେବିକେ ଜିଲ୍ଲାଗୁଡିକ ପାଇଁ କୌଣସି ବ୍ୟାପକ କିମ୍ବା ସମନ୍ୱିତ ଦୃଷ୍ଟିକୋଣ ନାହିଁ ବୋଲି କହିଛନ୍ତି। ବଜେଟରେ ଜାତୀୟ ପରିବେଶ-ପର୍ଯ୍ୟଟନ ପଦକ୍ଷେପ ଅଧିନରେ ଆରୁକୁ ଉପତ୍ୟକାରେ ପର୍ବତ ଟ୍ରେକିଂ ଟ୍ରେଲ ବିକାଶ ଘୋଷଣା କରିଛନ୍ତି କିନ୍ତୁ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଅବସ୍ଥିତ ଓଡିଶାର ସର୍ବୋଚ୍ଚ ଶିଖର ଦେଓମାଳିକୁ ସଂପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି କହିଛନ୍ତି। ଦେଓମାଳି କେବଳ ଏକ ଭୌଗୋଳିକ ଲ୍ୟାଣ୍ଡମାର୍କ ନାହିଁ ଏହା ଓଡିଶାର ଆଦିବାସୀ ପରିଚୟ,ପରିବେଶ-ପର୍ଯ୍ୟଟନ ସମ୍ଭାବନା ଏବଂ ସ୍ଥାନୀୟ ଜୀବିକାର କେନ୍ଦ୍ରବିନ୍ଦୁ। ଓଡିଶାକୁ ପୂର୍ବୋଦୟ ଦୃଷ୍ଟିକୋଣ ଏବଂ ପୂର୍ବତଟ ଶିଳ୍ପ କରିଡର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ କୋରାପୁଟ,ରାୟଗଡା,ମାଲକାନଗିରି ଏବଂ କନ୍ଧମାଳ ଭଳି ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକ ବଜେଟର ବିକାଶ କାହାଣୀରେ ବହୁତ କମ ଦୃଶ୍ୟମାନତା ପାଇଥାନ୍ତି ବୋଲି ଶ୍ରୀ ଉଲାକା କହିଛନ୍ତି। ବିକାଶ ବନ୍ଦର ଏବଂ କରିଡରରେ ସ୍ଥଗିତ ହୋଇପାରିବ ନାହିଁ,ଏହାକୁ ପାହାଡ ଚଢିବାକୁ ପଡିବ,ଜଙ୍ଗଲ ପାର ହେବାକୁ ପଡିବ ଏବଂ ଶେଷ ଆଦିବାସୀ ଗ୍ରାମ ପର୍ଯ୍ୟନ୍ତ ପହଂଚିବାକୁ ପଡିବ ବୋଲି ସାଂସଦ ଶ୍ରୀ ଉଲାକ କହିଛନ୍ତି। ଓଡିଶାର ଆଦିବାସୀ ଅଂଚଳରେ ମନରେଗା ଏବଂ ସାର୍ବଜନୀନ ନିଯୁକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତା ସ୍ୱତେ ବଜେଟରେ ଆବଣ୍ଟନରେ କୌଣସି ଅର୍ଥପୂର୍ଣ୍ଣ ପ୍ରସାରଣ କିମ୍ବା ମଜୁରୀ ହାରରେ ଦୀର୍ଘ ସମୟ ଧରି ସଂଶୋଧନ କରାଯାଇନାହିଁ ତେଣୁ ଦେଓମାଳି,କୋରାପୁଟ ଏବଂ କେବିକେ ଜିଲ୍ଲାଗୁଡିକୁ ଅଣଦେଖା କରୁଥିବା ଅଭିବୃଦ୍ଧିକୁ ଅର୍ନ୍ତଭୁକ୍ତ ବୋଲି ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି ସାଂସଦ ଶ୍ରୀ ଉଲାକା କହିଛନ୍ତି।

## ପ୍ରଥମ ବାର୍ଷିକ ପିଏମ୍‌ଶ୍ରୀ କ୍ରୀଡ଼ା ଉତ୍ସବ




ଚନ୍ଦ୍ରପୁର,୧।୨(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ସଦର ମହାକୁମାରେ ଥିବା ପିଏମ୍‌ଶ୍ରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ ୨୦୨୬ ଆଡମ୍ବର ସହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସି ହେଚ ଗୀତାଞ୍ଜଳି, ଚକ୍ରପାଣି ରତ୍ନାଲୁ, ସାଂସଦ ପ୍ରତିନିଧି ଭୀମ ଗୋଗେରେଙ୍ଗା, ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ସ୍କୁଲ ପରିଚାଳନା ଏସ୍‌ଏମସି ହାଡ଼ିବନ୍ଧୁ ବ୍ରେକବେଡ଼ା, ଗଣ ମାଧ୍ୟମ ପ୍ରତିନିଧି ବିଜୟ ପ୍ରସାଦ ଉଲାକା, ପ୍ରମୋଦ ସାହୁକାର ମଞ୍ଚାସୀନ ଥିଲେ। ଶିକ୍ଷକ ମାନେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ଦୋକାନ ଯାତ୍ରା, ବିଜିନେସ, ଆକାଂକ୍ଷା ମେଳା, କ୍ରୀଡ଼ାଙ୍ଗନ କ୍ଲବ୍, କୌସଲି କ୍ଲବ୍, ଜିଜ୍ଞାସା କ୍ଲବ୍, ସାହିତ୍ୟ ଶୃଜନୀ କ୍ଲବ୍‌କୁ ରିବନ୍ କାଟି ଶୁଭାରମ୍ଭ କରିଥିଲେ। କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ , ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ ଅଭିଭାଷଣ ଓ ବାର୍ଷିକ ବିବରଣୀ କହିଥିଲେ। ପୂର୍ବରୁ ହୋଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ପ୍ରକାର ଖେଳରେ କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ମକର ତୁହୀକା ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ବଳଭଦ୍ର କୁଟ୍ରୁକା, କୁନାକୁମାର ମାଝୀ, ସାରେନ୍ଦ୍ର ବାଗ, ରୁଦ୍ରନାରାୟଣ ବାଗ,, ସୁନିଲ ମହାନ୍ତି, ଆନନ୍ଦ ଡବୁରୁକା ସହଯୋଗ କରିଥିବା ବେଳେ ଶିକ୍ଷକ କୁନାକୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତାମିଙ୍ଗ ଗାଁରେ ଗଦଗଦା ଯାତ୍ରା





ରାମନାଗୁଡ଼ା,୧।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ପେଣକାମ ପଞ୍ଚାୟତ ସ୍ଥିତ ତାମିଙ୍ଗି ଗ୍ରାମ ନିକଟ ଝରଣାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଗଦଗଦା। ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଇଲାକା । ଏହି ଜିଲ୍ଲା ପ୍ରକୃତିର ସମ୍ଭାର ଆଉ ସେଥି ମଧ୍ୟରୁ ଗଦଗଦା ଅନ୍ୟତମ। ସୁଗନ୍ଧ ସଭାରାଜିରେ ଭରପୁର ଏହି ସ୍ଥାନ। ଏହି ଜଳପ୍ରପାତ ବେଶ ମନମୁଗ୍ଧକର। ଗଦଗଦ ହୋଇ ଏଠାରେ ଝରଣା ପାଣି ବହୁଥିବାରୁ ଏଠାକାର ନାମକରଣ ଗଦଗଦା ହୋଇଛି। ଏହାକୁ ଉତ୍ତର ଗଙ୍ଗ ବୋଲି ମଧ୍ୟ କହିଥାନ୍ତି। କାରଣ ଏହି ଝରଣାର ପାଣି ଉତ୍ତର ଦିଗକୁ ପ୍ରବାହିତ ହେଉଥିବାରୁ ଏପରି ନାମକରଣ ହୋଇଛି ବୋଲି ସ୍ଥାନୀୟ ଲୋକମାନେ ଯାହା କୁହନ୍ତି। ଝରଣାର ମଧ୍ୟ ଭାଗ ପଥର ଗୁମ୍ଫାରେ ପୂଜା ପାଉଛନ୍ତି ନୀଳକଣ୍ଠ ମହାଦେବ। ପ୍ରତ୍ୟେକ ବର୍ଷ ମାଘ ମାସ ପୂର୍ଣ୍ଣିମା ତିଥିରେ ଏହି ସ୍ଥାନରେ ବଡ଼ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ପୂଜା ଗୁଣୁପୁର ନିକଟସ୍ଥ ବିକ୍ରମପୁରଗଣେଶ ମାଳି, ବିକ୍ରମ ମହାନ୍ତି, ଚନ୍ଦନ ନାୟକ, ଶିବ କୁମାର ପାଢ଼ୀ,ରମେଶ ମାଳି ପ୍ରମୁଖ ପୂଜା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ବେଳେ ମାଳି ସମ୍ପ୍ରଦାୟର ଲୋକ ମାନେ ବହୁ ପୁରାତନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ପୂଜା କରି ଆସୁଛନ୍ତି। ବହୁ ଦୂରଦୁରାନ୍ତରୁ ଏଠାକୁ ଶ୍ରଦ୍ଧାଳୁ ଆସିଥାନ୍ତି। ଓଡ଼ିଶା ସମେତ ପଡୋଶୀ ରାଜ୍ୟ ମାନଙ୍କରୁ ବହୁ ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସି ଛୋଟ ଛୁଆ ମାନଙ୍କର ମୁଣ୍ଡନ ହୋଇଥାନ୍ତି। ବିଶ୍ୱାସ ରହିଛି ଏଠାରେ ଦେବ ଦେବ ମହାଦେବଙ୍କୁ ମାନସିକ କରିବା ଦ୍ୱାରା ନିସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ ତେଣୁକରି ଏଠାରେ ମାନସିକ କରିଥାନ୍ତି। ମାନସିକ ପୂର୍ଣ୍ଣ ମଧ୍ୟ ହୋଇଥାଏ। ହେଲେ ବିଡ଼ମ୍ବନାର ବିଷୟ ଭିତ୍ତିଭୂମି ଅଭାବରୁ ଲୋକ ଲୋଚନକୁ ଆସିପାରୁନାହିଁ ଏହି ସ୍ଥାନ। ଏହି ସ୍ଥାନକୁ ଯିବା ପାଇଁ ପେଣକାମ ଏବଂ ଗୁମୁଡ଼ା ଉଭୟ ପଟରୁ ଯିବା ନିମନ୍ତେ ରାସ୍ତା ଅଛି, କିନ୍ତୁ ତାହା କଚ୍ଚା ରାସ୍ତା ହୋଇ ରହିଯାଇଛି। ଏହି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକ ମାନେ ଦାବି କରିଛନ୍ତି। ଆଦିବାସୀ ଇଲାକାରେ ଲୁକ୍କାୟିତ ଭାବେ ରହିଥିବା ହେତୁ ଏହି ସ୍ଥାନରେ ସୌନ୍ଦର୍ଯ୍ୟ ପ୍ରକୃତି ପ୍ରେମୀଙ୍କୁ ଟାଣି ଆଣୁଛି। ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ଼ ହେଉଛି କିନ୍ତୁ ଏଠାକାର ବିକାଶ ଦିଗରେ ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହି ଦିନରେ ଜିଲ୍ଲା ସମେତ ଜିଲ୍ଲା ବାହାରୁ ଅନେକ ବ୍ୟବସାୟୀ ମାନେ ଭଳିକି ଭଳି ଜିନିଷ ବିକ୍ରି କରିବା ନିମନ୍ତେ ଏଠାକୁ ଆସି ଭଲ ବ୍ୟବସାୟ କରିଥାନ୍ତି। ମୁଖ୍ୟତଃ ଏହି ଯାତ୍ରାରେ ଆଖୁ ,ତରଭୁଜ ବହୁତ ମାତ୍ରାରେ ବିକ୍ରି କରାଯାଇଥାଏ। ଏହି ଯାତ୍ରାକୁ କେହି କେହି ତରଭୁଜ ଯାତ୍ରା ବୋଲି ମଧ୍ୟ କୁହନ୍ତି। ଆଦିବାସୀ ଇଲାକାରେ ରହିଥିବା ଏହିସ୍ଥାନର ସୌନ୍ଦର୍ଯ୍ୟକରଣ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଗଲେ ଏହି ସ୍ଥାନ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଥାନ୍ତା ବୋଲି ଏହି ଅଞ୍ଚଳର ଜନସାଧାରଣ ମତ ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରା, ସେକେଣ୍ଡ ଅଫିସର ବାବୁଲା ପ୍ରଧାନ,ଏଏସଆଇ ଜଗନ୍ନାଥ ବେହେରା, ସମଦତ୍ତ ପ୍ରଧାନ, ରାମଦାସ ଠାକୁର ଟୁଡୁ ପ୍ରମୁଖ ସଦଳବଳେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଚଳିତ ବର୍ଷ ଏହି ଗଦଗଦା ଯାତ୍ରାକୁ ତାମିଙ୍ଗି ଗ୍ରାମବାସୀଙ୍କ ସମେତ ନିକଟସ୍ଥ ଗ୍ରାମବାସୀ ପରିଚାଳନା କରିଥିଲେ।

● ୫୦ ହଜାର ଲୋକଙ୍କ ସମାଗମ

